ଧରିତ୍ରୀ
DHARITRI
ରବିବାର, ୩୧ ଜାନୁୟାରୀ ୨୦୨୧

## ଭାଲୁ ମୃତଦେହ ଜବତ

**ସଜନାଗଡ଼,(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବନବିଭାଗ ଅଧୀନ ତିନିକୋଶିଆ ଆରଏଫ୍‌ର କୁଢ଼େଇପାଳ ନିକଟସ୍ଥ ଜଙ୍ଗଲର ଚାରପଦାଠାରେ ମାଈଭାଲୁର ମୃତ୍ୟୁ ହୋଇଥିଲା। ନୀଳଗିରି ବନବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଶନିବାର ପାଟ୍ରୋଲିଂ ବେଳେ ମାଈଭାଲୁର ମୃତଦେହକୁ ଦେଖିଥିଲେ। ବନବିଭାଗ ପକ୍ଷରୁ ମୃତଦେହ ଜବତ କରାଯାଇ ଏକ ଅପମୃତ୍ୟୁ ମାମଲା (ନଂ. ୩୬/୨୧) ରୁଜୁ କରାଯାଇଛି। ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତିନିକୋଶିଆ ଜଙ୍ଗଲରେ ପୋତି ଦିଆଯାଇଥିବା ନୀଳଗିରି ବନବିଭାଗ ରେଞ୍ଜର ମନୱାର ଖାନ୍ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଆହତ ଶାଳିଆପତନି ଉଦ୍ଧାର



**ଚମ୍ପୁଆ, ୩୦।୧(ଡି.ଏନ.ଏ):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ଗୋଧୂଳି ନର୍ସରୀଠାରେ ବନ ବିଭାଗ ଦ୍ୱାରା ଆହତ ଅବସ୍ଥାରେ ଏକ ଶାଳିଆପତନିକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକ ଏକ ଆହତ ଶାଳିଆପତନିକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଚମ୍ପୁଆ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଶ୍ରାବଣୀ ମହାନ୍ତ ଘଟଣାସ୍ଥଳରେ ପହଂଚି ଆହତ ଶାଳିଆପତନିକୁ ଉଦ୍ଧାର କରିବା ସହିତ ଚମ୍ପୁଆ ପ୍ରାଣୀ ଧନ ଚିକିତ୍ସାକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ।

### ପୋକ୍‌ଲିନ ଜବତ, ୩ ଗିରଫ

**ଚମ୍ପୁଆ/ଯୋଡ଼ା, ୩୦।୧(ଡି.ଏନ.ଏ.):** ଜଙ୍ଗଲ ଭିତରେ ବନବିଭାଗର ଅନୁମତି ନ ଥାଇ ଗଛକାଟି ରାସ୍ତାକାମ କରାଯାଉଥିବା ବେଳେ ବନବିଭାଗ ଚଢ଼ାଉକରି ୩ଜଣଙ୍କୁ ଗିରଫ କରିଥିବାବେଳେ ବ୍ୟବହୃତ ପୋକଲିନ ମେଶିନକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହାସିମ ରାଜା, ମହେଶ ସିଂ ଓ ଅରବିନ୍ଦ ସିଂ। ଚମ୍ପୁଆ ରେଞ୍ଜ ଅଧୀନରେ ଥିବା ବାମେବାରୀ ସେକ୍ସନର ପିଢପୋଖରି ଅଞ୍ଚଳରେ ବନବିଭାଗର ଅନୁମତି ନ ନେଇ ଜଙ୍ଗଲ ମଧ୍ୟରେ ରାସ୍ତାକାମ ଚାଲୁଥିଲା। ଏହି ରାସ୍ତାକାମ ବେଳେ ବହୁ ମୂଲ୍ୟବାନ ଗଛ ନଷ୍ଟକରାଯାଇଥିବା ବେଳେ ଏମ୍‌ଜିଏନଆରଇଜିଏସ୍ କାମ ଚାଲୁଛି କହି ସ୍ଥାନୀୟ ଲୋକଙ୍କୁ ଅନ୍ଧାରରେ ରଖାଯାଇଥିଲା। ଖବର ପାଇ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ସଞ୍ଜୀବ ରାଉତ ଓ ବାମେବାରୀ ଫରେଷ୍ଟର ଜତିନ କୁମାର ସାହୁ ଚଢ଼ାଉ କରିଥିଲେ। ଏନେଇ ଏସସିଏଫ ଘନଶ୍ୟାମ ମହାନ୍ତଙ୍କୁ ପଚାରିବାରୁ ଜଙ୍ଗଲ ଭିତରେ ଗଛକାଟି କାମ କରିବାକୁ କାହାକୁ ଅନୁମତି ଦିଆଯାଇନାହିଁ। ତଦନ୍ତ ଚାଲିଛି ଏବଂ ଏହି କାମରେ ଯେଉଁମାନେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

### ରାଧାବିନୋଦଙ୍କୁ ବୟୋଜ୍ୟେଷ୍ଠ ସାରସ୍ୱତ ସମ୍ମାନ

**ଭଦ୍ରକ ଅଫିସ, ୩୦।୧:** ସାହିତ୍ୟିକ, ଅବସରପ୍ରାପ୍ତ ଅଧକ୍ଷ ଡ. ରାଧାବିନୋଦ ନାୟକଙ୍କୁ ୨୦୨୦ ପାଇଁ ଓଡ଼ିଶା ସାହିତ୍ୟ



ଏକାଡେମୀର ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ ସମ୍ମାନ ପ୍ରଦାନ ଲାଗି ଚୟନ କରାଯାଇଛି। ଧାମନଗର ବ୍ଲକ କାସିମପୁରରେ ଜନ୍ମିତ ଡ. ନାୟକ ଏବେ ଭଦ୍ରକ ସହରାଞ୍ଚଳର ଗବସାହିରେ ରହୁଛନ୍ତି। ତାଙ୍କ ଗଳ୍ପ ପୁସ୍ତକ ମଧ୍ୟରେ ପରାଣ ପିତୁଳା କାନ୍ଦୁଛି, ଅନୁଚାରିତ, ଅପେକ୍ଷାର ଦିନ ରାତି, ପ୍ରତି ନାୟକ, ମିଛ ମଣିଷ, ଏକା ଏକା ବନବାସ ସମେତ ନାଟକ ରକ୍ତନଦୀ, କାଦମ୍ବରୀ, ଅରଣ୍ୟ ସ୍ୱର ଓ ଅପେକ୍ଷା କର ମୁଁ ଆସୁଛି ଆଦି ରହିଛି। ରକ୍ତନଦୀ ନାଟକ ପାଇଁ ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମଧ ମିଳିଛି।

# ଖୋଲାରେ ପଡ଼ିଛି ଧାନବସ୍ତା

**ତିହିଡ଼ି, ୩୦।୧(ସ୍ୱ.ପ୍ର.)**

- ବଢୁଛି ଚାଷୀ ଅସନ୍ତୋଷ
- ସମିତି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ
- ସମାଧାନ ନ ହେଲେ ରାସ୍ତାରୋକୋ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସେବା ସମବାୟ ସମିତି ଅଧୀନ ଶତାଧିକ ଚାଷୀଙ୍କ ଧାନବସ୍ତା ମଣ୍ଡିରେ ଉଠୁ ନ ଥିବା ଅଭିଯୋଗ ହୋଇଛି। ଶତାଧିକ ଚାଷୀଙ୍କୁ ବିଭାଗ ପକ୍ଷରୁ ଧାନ ବିକ୍ରୟ ପାଇଁ ଟୋକନ ପ୍ରଦାନ କରାଯାଇଥିଲେ ମଧ ସେମାନେ ଧାନ ଆଣି ଖୋଲା ପଡ଼ିଆରେ ପକାଇ ରଖିଛନ୍ତି। ସେମାନଙ୍କ ଧାନକୁ ସମିତି ପକ୍ଷରୁ ମିଲର ଟ୍ରକ୍ ପଠାଇ ନାହାନ୍ତି କହି ଗ୍ରହଣ କରାଯାଉ ନାହିଁ। ଫଳରେ କାର୍ଯ୍ୟାଳୟ ସାମ୍ନାରେ ଥିବା ପଡ଼ିଆରେ ଖୋଲାରେ ଚାଷୀମାନେ ପ୍ରାୟ ୪ହଜାରରୁ ଅଧିକ ଧାନ ବସ୍ତାକୁ ପକାଇ ରଖିଛନ୍ତି। ଧାନକୁ ଷଣ୍ଢ ଖାଇଯିବା ଭୟରେ ରାତି ରାତି ଉଜାଗର ରହି ଜଗି ରହୁଛନ୍ତି ଚାଷୀ। ସେହିପରି କୋହଲା ପାଗ ଓ ବର୍ଷା ହେଲେ ସେମାନଙ୍କ ଧାନ



ବାମନବିନ୍ଧା ସମବାୟ ସମିତି ଆଗରେ ଚାଷୀମାନେ।

ଓଦା ହୋଇଯିବାର ଆଶଙ୍କା ପ୍ରକାଶ କରିଛନ୍ତି। ସମିତି ଅଧୀନ ବାମନବିନ୍ଧା, ସାହାପୁର ଓ ଦୌଲତପୁର ପଞ୍ଚାୟତର ବହୁ ଚାଷୀ ଶନିବାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ସ୍ଥାନୀୟ ପ୍ରଶାସନ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବାରମ୍ବାର କୁହାଯାଇଥିଲେ ହେଁ ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଚାଷୀମାନେ ଏକ ପ୍ରେସମିଟ୍ ମାଧ୍ୟମରେ ଜିଲା ପ୍ରଶାସନକୁ ତୁରନ୍ତ ଧାନ କ୍ରୟ ବ୍ୟବସ୍ଥା କରିବା ପାଇଁ ନିବେଦନ କରିଛନ୍ତି। ଆସନ୍ତା ବୁଧବାର ମଧ୍ୟରେ ବାକି ଥିବା ୬୭୦୦ କୁଇଣ୍ଟାଲ ଧାନ କ୍ରୟ ନ ହେଲେ ଗୁରୁବାର ଶତାଧିକ ଧାନବସ୍ତାକୁ ନେଇ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ରଖି ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଅବରୋଧ କରିବେ। ଏଥିରେ ଯାହା ସମସ୍ୟା ହେବ ସେଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଚାଷୀ ନେତା ସଂଗ୍ରାମ ମହାନ୍ତି, ମଙ୍ଗରାଜ ନାୟକ, ଜଗନ୍ନାଥ ନାୟକ, ସୁବ୍ରତ ମହାନ୍ତି, ଆନନ୍ଦ ଦାସ, ହୃଷିକେଶ ବିଶ୍ୱାଳ, ପ୍ରଦୀପ ବେହେରା, ସୁଶାନ୍ତ ଡାଙ୍ଗୁଆ, ଶଶିକାନ୍ତ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ ସୁଦର୍ଶନ ଖଟୁଆଙ୍କୁ ପଚାରିବାରୁ କହିଛନ୍ତି, ନିୟମିତ ଭାବେ ଧାନ ଉଠାଯାଉଛି। କିନ୍ତୁ ମିଲରଙ୍କ ଅସହଯୋଗ କାରଣରୁ ସମସ୍ତ ଚାଷୀଙ୍କ ଧାନ କିଣାଯାଇ ପାରୁନାହିଁ।

# ପବ୍ଲିକ ହେଲ୍‌ଥ ଆଣ୍ଡ ମଡର୍ନ ବାୟୋଲୋଜି ଗବେଷଣା ଲାଗି ସୁଯୋଗ




ଏମ୍‌ଓୟୁ ସ୍ୱାକ୍ଷର ଅବସରରେ।

**ବାଲେଶ୍ୱର ଅଫିସ, ୩୦।୧**

**ଏଫଏମ୍ ବିଶ୍ୱବିଦ୍ୟାଳୟ ଓ ଆଇସିଏମ୍‌ଆର୍-ଆରଏମ୍‌ଆର୍‌ସି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ର ସରକାରଙ୍କ ଆଇସିଏମ୍‌ଆର୍-ଆରଏମ୍‌ଆର୍‌ସି ମଧ୍ୟରେ ଶନିବାର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ସାଧାରଣ ସ୍ୱାସ୍ଥ୍ୟ, ଆଧୁନିକ ଜୀବବିଜ୍ଞାନ ଉପରେ ଗବେଷଣା କରାଯାଇ ସ୍ଥାନୀୟ ସମସ୍ୟାର ସମାଧାନ ହେବ। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଗବେଷକ ତଥା ବୈଜ୍ଞାନିକଙ୍କ ଗବେଷଣାରେ ଏହ ସହାୟକ ହୋଇପାରିବ ବୋଲି କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଆରଏମଆରସି ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି କହିଥିଲେ, ଏହି ଏମ୍‌ଓୟୁ ଦ୍ୱାରା ଛାତ୍ର ଓ ଶିକ୍ଷକମାନେ ଉପକୃତ ହେବେ। ଏହା ଜୈବପ୍ରଯୁକ୍ତି ବିଦ୍ୟା, ଜୈବବିଜ୍ଞାନ, ପବ୍ଲିକ ହେଲ୍‌ଥ ଏବଂ ଅନ୍ୟାନ୍ୟ ସହ ସମ୍ବନ୍ଧିତ ବିଷୟରେ ଯୌଥ ଗବେଷଣାରେ ସହାୟକ ହେବ। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫସାଇନ୍ସର ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା, ଏଫଏମ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ନିର୍ଦ୍ଦେଶକ ପ୍ରଫେସର ବିଷ୍ଣୁପ୍ରସାଦ ଦାଶ ତଥା ଅନ୍ୟାନ୍ୟ ବୈଜ୍ଞାନିକ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ନିର୍ଦ୍ଦେଶିକା



ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ଅନ୍ୟ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ବାରିପଦା ଅଫିସ,୩୦।୧**

ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ବାରିପଦା, ବେତନଟୀ, କୁଳିଅଣା, ବାଙ୍ଗରିପୋଷି, କୁସୁମି ଆଦି ବ୍ଲକ ଅଞ୍ଚଳ କ୍ଷେତ୍ର ପରିଦର୍ଶନରେ ଯାଇ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ଆଦି ସୁପରିଚାଳନାର ଆନୁସଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟଗୁଡ଼ିକର ସମସ୍ତ ଆନୁସଙ୍ଗିକ ଆଇଏସ୍‌ଓ ମାନ ବଜାୟ ରଖିବା ଦିଗରେ ଧ୍ୟାନ ଦେଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆଇଟିଡିଏ ଯୋଜନା ସହାୟତାରେ କାଜୁ ଚାଷ, ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ଜମି ସ୍ୱତାଧିକାର (ପଟ୍ଟା) ପ୍ରଦାନ ଏବଂ ଜୀବନ ଜୀବିକା ନିର୍ବାହ ମାନ ବୃଦ୍ଧିରେ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୃକ୍ତ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀମାନେ ସାମିଲ ରହି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

# ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ

**ପଦ୍ମପୁର, ୩୦।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗଦି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ଓ ଏହା ପାଖ ଅଞ୍ଚଳରେ ଥିବା ସରକାରୀ ଜମିକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏହି କାରଣରୁ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ହୋଇପାରୁ ନାହିଁ। ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନ ଥିବାବେଳେ ଛାତ୍ରୀଛାତ୍ର ପାଠପଢ଼ା ସହ ଶାରୀରିକ ବ୍ୟାୟାମ ପାଇଁ ଉପଯୁକ୍ତ ପରିବେଶ ପାଇପାରୁ ନାହାନ୍ତି। ଗ୍ରାମବାସୀ ୫ବର୍ଷ ଧରି ଜିଲା ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା କୁହାଯାଇଛି। ଶନିବାର ଜବରଦଖଲ ଉଚ୍ଛେଦ ଦାବିରେ ସ୍ଥାନୀୟ ଗ୍ରାମବାସୀ ବିଦେଇପୁର କରଞ୍ଜଆଡ଼ିଆ ରାସ୍ତାରୋକୋ କରିଥିଲେ। କଷିଆ ସାମୁଦ୍ରିକ ଥାନା ପୋଲିସ କର୍ମଚାରୀ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଲୋକେ ଜବରଦଖଲ ଉଚ୍ଛେଦ ଦାବି ଅଡ଼ି ଧରି ବସିଥିଲେ। ପରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପହଞ୍ଚି ୧୫ ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ଅନଶନ

**ଭଦ୍ରକ ଅଫିସ, ୩୦।୧**

କୃଷି ଆଇନ ବିରୋଧରେ ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ୬୪ ଦିନ ପୂରିଛି। ଏହାମଧ୍ୟରେ ଅନେକ ଚାଷୀଙ୍କ ମୃତ୍ୟୁ ହୋଇଛି। ଏହି ଆଇନ ପ୍ରତ୍ୟାହାର ଦାବିରେ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ଶନିବାର ଦେଶ ତମାମ ଆମରଣ ଅନଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କୃଷକ ମୋର୍ଚ୍ଚାର ଭଦ୍ରକ ଶାଖା ପକ୍ଷରୁ ପୁରୁଣାବଜାର ମଦିନା ମଇଦାନ ସମ୍ମୁଖରେ ଭୁକ ଅନଶନ କରାଯାଇଥିଲା। ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଯୁବନେତା ବିକାଶ ନାଥ, ନାସିରୁଦ୍ଦିନ ଖାନ୍, ସେକ୍ ସାଜିଦ୍ ହୁସେନ, ସେକ୍ ସାହିଦ କାଦ୍ରୀ, ସେକ୍ ନିଆଜ କାଦ୍ରୀ, ସେକ୍ ତକୀର, ବିନୋଦ ସାହୁ, ବିକ୍ରମ ନାୟକ ପ୍ରମୁଖ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନଶନ କରି ବସି ରହିଥିଲେ। ସନ୍ଧ୍ୟାରେ ଓଡ଼ିଶା କୃଷକ ସଭା ଜିଲା ସଭାପତି ଚନ୍ଦ୍ରଶେଖର ନାୟକ, ସିଆଇଟିୟୁ ଜିଲା ସଭାପତି ଦିବ୍ୟସିଂହ ନାୟକ, ଆଇନଜୀବୀ ନୁର ମୁଜାସମ, ଗିରିଧାରୀ ନାଥ ପ୍ରମୁଖ ପହଞ୍ଚି ଅନଶନକାରୀଙ୍କୁ ଥଣ୍ଡାପାନୀୟ ପିଆଇ ଅନଶନ ଭଙ୍ଗ କରାଇଥିଲେ। ୩ କଳା ଆଇନ ବାତିଲ ନ ହେବା ଯାଏ ଜିଲାରେ ଚାଷୀ ଆନ୍ଦୋଳନ ବ୍ୟାପକ କରିବାକୁ ଚାଷୀ ନେତାମାନେ ଚେତାବନୀ ଦେଇଥିଲେ।




ମଦିନା ମଇଦାନଠାରେ ଅନଶନକାରୀ।

# ‘ଏକାଠି ହେଲେ ସଫଳତା ମିଳେ’

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ସହର ଆଇଟିଆଇ ଛକସ୍ଥିତ ଘରୋଇ ହୋଟେଲ ପରିସରରେ ସକ୍ଷମ ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଅନୁଷ୍ଠାନ ସଭାପତି ଶଶିକାନ୍ତ ରାଉତ ସଭାପତିତ୍ୱ କରିଥିଲେ। ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତ ଭଲ ମଣିଷଟିଏ ସମାଜର ସେବା କରିବା ସହ ଲୋକଙ୍କୁ ଶ୍ରଦ୍ଧା କରିବାରେ ସକ୍ଷମ ହୋଇପାରେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ଭାସ୍କର ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଗିରିଶ୍ କୁମାର ଷଡ଼ଙ୍ଗୀ ଓ ସମରେନ୍ଦ୍ର ପଣ୍ଡା ଯୋଗଦେଇ ସମାଜସେବାରେ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସଙ୍ଗଠନର ସଦସ୍ୟ।

ବର୍ତ୍ତୀ ରହିବା ପାଇଁ ଯୁବକମାନେ ଏକାଠି ହେବାକୁ ଗୁରୁମନ୍ତ୍ର ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ସୁବାସ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଲକ୍ଷ୍ମୀ ବେହେରା, ସୁମନା ପରିଡ଼ା, ନରେନ୍ଦ୍ର ପ୍ରଧାନ, ସାଇପ୍ରଭା ସୂତାର, ଗୟାଧର ବିଶ୍ୱାଳ, ସଞ୍ଜୟ କୁମାର ଦାସ, ଜନହିତ ଯୁବକ ସଂଘ ଏବଂ ଗୋପବନ୍ଧୁ ସୁଖ ଦୁଃଖର ସାଥୀ ସଙ୍ଗଠନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଗୋନାସିକାଠାରେ ଟି ୧୨ କ୍ରିକେଟ

**କେନ୍ଦୁଝର, ୩୦।୧(ଡି.ଏନ.ଏ.)**

ଟି-୨୦ ଇଲେଭେନ କ୍ରିକେଟ କ୍ଲବ, ଗୋନାସିକାଠାରେ ଟି ୧୨ କ୍ରିକେଟ ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାକୁ ଯୁବ ବିଜେଡି ରାଜ୍ୟ ସାଧାରଣ ସଂପାଦକ ଅଞ୍ଜନ କୁମାର ବେଜ ଫିତାକାଟି ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ଶୁଆକାଟୀ ଟ୍ରକ ମାଲିକ ସଂଘର ସମ୍ପାଦକ ମାନସ ରଞ୍ଜନ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଶୁଆକାଟୀ ଷ୍ଟାର କ୍ଲବ ଏବଂ କେନ୍ଦୁଝର ମାଇନିଂର ଅଞ୍ଜନ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଞ୍ଜନ ଇଲେଭେନ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୮୦ ରନ୍ କରିଥିଲା। ୧୮୧ ରନର ବିଜୟ ଲକ୍ଷ୍ୟ ନେଇ ଶୁଆକାଟୀ ଷ୍ଟାର କ୍ଲବ ୭ ଓଭରରେ ୬ ଉଇକେଟ ହରାଇ ୪୦ରନ୍ କରିଥିବାବେଳେ ବର୍ଷା ହେବାରୁ ଖେଳ ବନ୍ଦ ହୋଇଥିଲା। ଡକ୍‌ୱର୍ଥ ଲୁଇସ୍ ଆଧାରରେ ଅଞ୍ଜନ ଇଲେଭେନ୍ ବିଜୟୀ ହୋଇଥିଲା। ଅଞ୍ଜନ ଇଲେଭେନ୍‌ର ସୋନୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ୩ ଦିନ ବନ୍ଦ ପରେ ମଣ୍ଡି ଚାଲିବା ନିଷ୍ପତ୍ତି

**ବନ୍ତ,୩୦।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକସ୍ଥିତ ପଧାନପଡ଼ା ସେବା ସମବାୟ ସମିତିରେ ଚାଷୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଗଣ୍ଡଗୋଳକୁ ନେଇ ଗତ ୩ ଦିନ ଧରି ମଣ୍ଡି ବନ୍ଦ ରହିଥିଲା। ଫଳରେ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶନିବାର ଚାଷୀ କମିଟି ବୈଠକ ବସି ରବିବାରଠାରୁ ମଣ୍ଡିରେ ଧାନ କିଣା ସ୍ୱାଭାବିକ ହେବ ବୋଲି ଜଣାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ନିଲୋକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମିତିର ମଣ୍ଡି ଚାଲିଥିବା ବେଳେ ଗତ ୨୬ ତାରିଖରେ ଧାନ ରଖିବା ଏବଂ କ୍ରୟକୁ ନେଇ ଚାଷୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣା ଥାନା ପର୍ଯ୍ୟନ୍ତ ଯାଇଥିଲା। ୨୮ ତାରିଖଠାରୁ ଧାନ କିଣା ବନ୍ଦ ରହିଥିଲା। ସମିତି ସମ୍ପାଦକ ସେକ୍ ଗୋଲାମ, ଚାଷୀ କମିଟି ସଭ୍ୟ ସୁଶାନ୍ତ ସାହୁ, ଅଜୟ ବେହେରା, ସେକ୍ କଦମ୍, ପଦ୍ମନାଭ



ନିଲୋକ ମଣ୍ଡିରେ ପଡ଼ି ରହିଥିବା ଧାନ ବସ୍ତା।

ଦାସ, ଅଜୟ ଦାସ ପ୍ରମୁଖ ବୈଠକରେ ଆଲୋଚନା କରିଥିଲେ। ରବିବାରଠାରୁ ପୂର୍ବଭଳି ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ନିଷ୍ପତ୍ତି ହୋଇଛି। ଅପରପକ୍ଷେ ଗତ ୧୫ ତାରିଖଠାରୁ ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଅବଶିଷ୍ଟ ଚାଷୀ ଧାନ ବିକ୍ରି କରିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା ପୂର୍ବରୁ ଟୋକନ ପାଇଥିବା ଚାଷୀମାନଙ୍କଠାରୁ ପ୍ରଥମେ ଧାନ କିଣାଯିବା ସହ ଏହାକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି।

# କୃଷି ଆଇନ ବିରୋଧରେ ଗଣସତ୍ୟାଗ୍ରହ

**ଜଳେଶ୍ୱର, ୩୦।୧ (ଡି.ଏନ୍.ଏ.)**

ନୂତନ କୃଷି ଆଇନ୍ ପ୍ରତ୍ୟାହାର ଏବଂ ଦିଲ୍ଲୀରେ ଆନ୍ଦୋଳନରତ କୃଷକମାନଙ୍କ ଉପରେ ଆକ୍ରମଣ ବିରୋଧରେ ବାଲେଶ୍ୱର ଜିଲା ଜଳେଶ୍ୱର କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଗଣ ଅନଶନ ସଂଗଠିତ ହୋଇ ଯାଇଛି । ସଂଘର୍ଷ ସମନ୍ୱୟ ସମିତି ଆବାହକ ଦିଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍ୟାଗ୍ରହରେ ଶିଶିର କୁମାର ହୁଇ, ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ପଲଟୁ ଦାସ, ମଦନ ମହଲା, ଜିତାଂଶୁ ନନ୍ଦୀ, ଦିଲୀପ ପରିଡା, ରତନ ଦାସ, ସବିତା ଭୂୟାଁ, ସେକ୍ ଅବଦୁଲ ସାଦିକ, ଜିବନ ପରିଡା ଓ ଜତିନ୍ ଜେନା ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

# ଦୁଇ ଆଖି ହରାଇଲେ ଯୁବକ

**ସିମୁଳିଆ, ୩୦।୧(ଡି.ଏନ.ଏ.)**

ସମାଜକୁ ବୁଝିବା ଓ ପରିବାର ଦାୟିତ୍ୱ ନିଜ କାନ୍ଧକୁ ନେବା ପୂର୍ବରୁ ନିଜର ଦୁଇଟି ଆଖି ହରାଇ ଅନ୍ୟମାନଙ୍କ ପାଇଁ ବୋଝ ହୋଇଯାଇଛନ୍ତି ସୁନୀଲ କୁମାର ଧିନ୍ଦା। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ରାମବିନ୍ଧା ଅଞ୍ଚଳର କନକ ଓ ନିଶାକରଙ୍କ ଦୁଇପୁଅ ଓ ଗୋଟିଏ ଝିଅଙ୍କ ମଧ୍ୟରେ ସୁନୀଲ ସବା ସାନ। ବଡ଼ପୁଅ ବାହାର ରାଜ୍ୟରେ ରହି କାମ କରୁଛନ୍ତି । ଝିଅର ବିବାହ ସରିଯାଇଛି। ତେବେ କେବଳ ମାତ୍ର ୫ ଡିସିମିଲ ଘରଡିହ ନିଶାକରଙ୍କ ପରିବାରର ଏକମାତ୍ର ସମ୍ବଳ । ମାଆ କନକ କହନ୍ତି ପୁଅ ସୁନୀଲର ସବୁ ଠିକ୍‌ଠାକ୍ ଥିଲା। ଗାଁ ସ୍କୁଲରୁ ପାଠପଢା ସାରି ଛକରେ ଥିବା ଭାରତ ସେବାନିଧି ହାଇସ୍କୁଲରେ ଅଷ୍ଟମ ଶ୍ରେଣୀ ପାସ୍ ପରେ ନବମ ଶ୍ରେଣୀରେ ନାମ ଲେଖାଇ ପାଠପଢା ଆରମ୍ଭ କରିଥିଲେ। ପରେ ଆଖିରୁ ପାଣି ବୋହିବା ଆରମ୍ଭ ହୋଇଥିଲା । ପ୍ରଥମେ




ଆଖି ହରାଇଥିବା ସୁନୀଲ।

**ଅର୍ଥ ଅଭାବରୁ ହୋଇପାରିଲାନି ଚିକିତ୍ସା**

ଭଦ୍ରକ ଡାକ୍ତରଖାନା ପରେ କେନ୍ଦୁଝରରେ ଅନୁଷ୍ଠିତ ଚକ୍ଷୁ ଶିବିର ଓ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଆଖି ଦେଖାଇଥିଲେ ହେଁ କୌଣସି ସୁଫଳ ମିଳିଲା ନାହିଁ । ଗୋଟିଏ ପରେ ଗୋଟିଏ ଏହିପରି ଭାବେ ଦୁଇଟି ଆଖି ଏବେ ନଷ୍ଟ ହୋଇଯାଇଛି । ଲଗାତର ଆଖିରୁ ପାଣି ଗଡି ଯିବୁଛି । ଗତ ୫ବର୍ଷ ହେଲା ସୁନୀଲ କିଛି ଦେଖିପାରୁନାହିଁ । ସୁନୀଲଙ୍କ ବାପା ମୂଲ ମଜୁରୀ ଲାଗି ପରିବାର ପୋଷଣ କରୁଛନ୍ତି। ଅଭାବୀ ପରିବାର ମଧ୍ୟରେ ପୁଅର ଆଖି ଚିକିତ୍ସା କରିବା ସମ୍ଭବ ନୁହେଁ ବୋଲି କୁହନ୍ତି ମା’ କନକ । କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହଯୋଗର ହାତ ବଢାଇଲେ ସୁନୀଲଙ୍କ ଆଖିର ଚିକିତ୍ସା ହୋଇପାରନ୍ତା ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

## ୬ ପଥର ବୋଝେଇ ଡମ୍ଫର ଜବତ

ସୋର,(ଡି.ଏନ୍.ଏ.): ସୋର ତହସିଲଦାର ଡ. ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ବାଗୁଡ଼ି ରାସ୍ତାରେ ବେଆଇନ ପଥର ପରିବହନ ବେଳେ ୬ଟି ଡମ୍ଫର ଜବତ କରାଯାଇ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି। ସେମାନଙ୍କ ନିକଟରୁ ଜରମାନା ଆଦାୟ କରାଯାଇଛି। ଚଢ଼ାଉରେ ରେଭିନ୍ୟୁ ସୁପରଭାଇଜର ରାଜେଶ ଦାସ, ଆର୍‌ଆଇ ମଦନ ବେହେରା, ଜୟନ୍ତ ସେଠୀ ଏବଂ ସୁଧାଂଶୁ ପ୍ରଧାନ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**ଭଦ୍ରକ**
- ଯୁବ ଛାତ୍ର ନେତୃତ୍ୱ ସମ୍ମିଳନୀ। ସ୍ଥାନ: ନେହେରୁ ଷ୍ଟାଡିୟମ। ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ନବକଲ୍ଲୋଳ ଶାସ୍ତ୍ରୀୟ ସଙ୍ଗୀତ ଆସର। ସ୍ଥାନ: ନୋସି ବିଜିନେସ୍ ପାର୍କ। ବାମପଦା, ସମୟ: ସନ୍ଧ୍ୟା ୬ଟା
- ନୂରପୁର ବସ୍ତିକମିଟି ବାର୍ଷିକ ଉତ୍ସବ, ସ୍ଥାନ: ଖଲାସୀ ମହଲ, ମୋତିଗଞ୍ଜ, ସମୟ:ଅପରାହ୍ନ ୫ଟା।

**ଖଇରା**
- ଗଡ଼ଚଣ୍ଡୀ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ଉତ୍ସବ। ସ୍ଥାନ : କୁପାରୀ ଅମ୍ବିକା ମନ୍ଦିର। ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ମହୋତ୍ସବ ପ୍ରସ୍ତୁତି ବୈଠକ। ସ୍ଥାନ:ଖଇରା ଦୁର୍ଗାମଣ୍ଡପ, ସମୟ : ଅପରାହ୍ନ ୩ଟା

**ଭୋଗରାଇ**
- ଭୁଷଣ୍ଡେଶ୍ୱର ମହାଦେବ ମନ୍ଦିର ନିର୍ମାଣ ନିମନ୍ତେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ। ସ୍ଥାନ: ମନ୍ଦିର ପରିସର। ସମୟ:ପୂର୍ବାହ୍ନ ୧୦ଟା

**କେନ୍ଦୁଝର**
- ବଡ଼ବିଲ ସୁପରଲିଗ୍ ଉଦ୍‌ଘାଟନ। ସ୍ଥାନ: ବିକାଶ ମହଲ, ବଡ଼ବିଲ। ସମୟ:ପୂର୍ବାହ୍ନ ୧୧ଟା
- ହୋ' ସମାଜ ଉପରମ୍ ଜୁମର ଟ୍ରଷ୍ଟ ପକ୍ଷରୁ ବନ୍ଧୁମିଳନ। ସ୍ଥାନ:ଟିକରପଡ଼ା, ଅସୁରଖୋଲ।

# ସୁଧୁରୁନି ବସ୍‌ଷ୍ଟାଣ୍ଡ ପରିମଳ ବ୍ୟବସ୍ଥା

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଥିବା ବେଳେ ଜନନୀ ପରିବାର ପକ୍ଷରୁ ଏହାକୁ ବିରୋଧ କରାଯାଇ ଶନିବାର ଗଣଧାରଣା ଦିଆଯାଇଛି।

ପ୍ରତିଦିନ ଏହି ବସ୍‌ଷ୍ଟାଣ୍ଡରୁ ଶହ ଶହ ଯାତ୍ରୀ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରିଥାନ୍ତି। କୋଲକାତା ଓ ରାଜ୍ୟ ରାଜଧାନୀକୁ ଯିବା ସକାଶେ ଉତ୍ତରଓଡ଼ିଶାର ଏହା ପ୍ରବେଶ ପଥ ହୋଇଥିବାରୁ ଏଠାରେ ଭିଡ଼ ପରିଲକ୍ଷିତ ହୋଇଥାଏ। ଶହଶହ ମହିଳା, ପୁରୁଷ, ଶିଶୁ, ବୃଦ୍ଧାବୃଦ୍ଧ ତଥା ବରିଷ୍ଠ ନାଗରିକମାନେ ଏଭଳି ଏକ ପୂତିଗନ୍ଧମୟ ପରିବେଶରେ ଅଣନିଃଶ୍ୱାସୀ ହୋଇପଡ଼ିଥାନ୍ତି। କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏଠାରେ ନିଷ୍ଫଳ। ଏହାର ପ୍ରତିବାଦରେ ଅନୁଷ୍ଠାନ ପକ୍ଷରୁ ଗଣଧାରଣା ଦିଆଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଜ୍ୟୋତ୍ସ୍ନା ମହାନ୍ତି, ଲକ୍ଷ୍ମୀ ବେହେରା, ବାସନ୍ତୀ ବିଶ୍ୱାସ, ସୁଭଦ୍ରା ରାଉତ, ସୁମତୀ ମୁଖି, ଝରଣା ମୁଖୀ, ଜୟନ୍ତି ଜେନା, ଜ୍ୟୋତ୍ସ୍ନା ଜେନା ପ୍ରମୁଖ ବହୁ ମହିଳା ଉପସ୍ଥିତ ଥିଲେ। ଆଇନ୍‌ଜୀବୀ ମନୋଜ ନାୟକ, ଜ୍ଞାନ ମିଶ୍ର, ବ୍ୟଙ୍ଗକବି ଗଗନ ସେଠୀ, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ଦେବାଶିଷ ସିଂ ପ୍ରମୁଖ ଉଦ୍‌ବୋଧନ ଦେବା ସହ ଅବିଳମ୍ବେ ବସ୍‌ଷ୍ଟାଣ୍ଡକୁ ପ୍ରଦୂଷଣମୁକ୍ତ କରିବା ସକାଶେ ଦୃଢ଼ ଦାବି କରିଥିଲେ।



ଜନନୀ ପରିବାର ପକ୍ଷରୁ ଦିଆଯାଇଥିବା ଧାରଣା।

# ୧୧୭୦ କେନ୍ଦ୍ରରେ ଦିଆଯିବ ପଲ୍‌ସ ପୋଲିଓ ଟିକା

**ବାରିପଦା ଅଫିସ,୩୦।୧**

ମୟୂରଭଞ୍ଜ ଜିଲାର ୧୧୭୦ କେନ୍ଦ୍ରରେ ପଲ୍‌ସ ପୋଲିଓ ଟିକାକରଣ କରାଯିବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରବିବାର ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା (ଟିକା) ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟରେ ନିର୍ଦ୍ଧାରିତ ବୁଥ୍‌ରେ ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ପ୍ରଦାନ କରାଯିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ ଜିଲାରେ ୨ ଲକ୍ଷ ୩୨ ହଜାର ୫୧୪ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। କୋଭିଡ୍ ନିୟମ ଅନୁଯାୟୀ ସୁପରିଚାଳନା ପାଇଁ ପ୍ରତି ବୁଥ୍‌ରେ ୨ଜଣ କରି ମୋଟ ୪,୬୮୦ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ଲାଗି ୨୩୦ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯାଇଛି। ସଫଳତାର ସହ ସମ୍ପାଦନ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଟାଏକୋଣ୍ଡୋରେ ୮ଜଣଙ୍କୁ ବ୍ଲାକ୍‌ବେଲ୍ଟ

**ସୋର, ୩୦।୧ (ଡି.ଏନ୍.ଏ.)**

ସୋର ରାଧାନାଥ ପଡିଆରେ ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ବ୍ଲାକ୍ ବେଲ୍ଟଧାରୀଙ୍କୁ ସମ୍ମାନିତ କରାଯାଇଛି। ମାର୍ଶାଲ ଆର୍ଟସ୍‌ରେ ଦକ୍ଷତା ଥିବା ସୁମନ୍ତ ବେହେରା, ମହେଶ୍ୱର ସାହୁ, ଶୁଭେନ୍ଦୁ କୁମାର ଦଳାଇ, ମୃତ୍ୟୁଞ୍ଜୟ ନାୟକ, ତ୍ରିରଙ୍ଗା ପ୍ରିୟଦର୍ଶିନୀ, ଅଭିଷେକ ରାଜ୍, ଶ୍ରବର ମହାରଣା ଓ ସେକ୍ ଜମିଲ୍ ଅକ୍ତରଙ୍କୁ ଏହି ଅବସରରେ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଥିଲା। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍ ସାଧାରଣ ସମ୍ପାଦକ, ଜିଲା ସଭାପତି ଅବଦୁଲ୍ ଉଦ୍ଦୁତ୍ ଖାନ୍ ଖେଳାଳୀଙ୍କୁ ବ୍ଲାକ୍ ବେଲ୍ଟ ପିନ୍ଧାଇ ସମ୍ମାନିତ କରିଥିଲେ। ଜିଲା ସମ୍ପାଦକ ଅତିଉଲ୍ଲା ଖାନ୍ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାରେ ଏହି ଖେଳ ପ୍ରତି ଯୁବପିଢ଼ିଙ୍କୁ ଆକର୍ଷିତ କରିବାକୁ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା।



ବ୍ଲାକବେଲ୍ଟ ପଦକ ଧାରୀ।

# ଶିକ୍ଷାଭିତ୍ତିକ ପ୍ରକଳ୍ପ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ଜିଲା ସ୍କୁଲ ସଭାଗୃହରେ ଜିଲାସ୍ତରୀୟ ଶିକ୍ଷଣ କର୍ମଶାଳା ଓ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରି ସରକାରଙ୍କର ସମସ୍ତ ଶିକ୍ଷାଭିତ୍ତିକ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି 'ମୋ ସ୍କୁଲ ଅଭିଯାନ' ପ୍ରକଳ୍ପରେ ରାଜ୍ୟରେ ବାଲେଶ୍ୱର ଜିଲା ପ୍ରଥମ ହୋଇଥିବାରୁ ଜିଲାଶିକ୍ଷାଧିକାରୀଙ୍କ ସମେତ ଉକ୍ତ ଟିମ୍‌ର ସଦସ୍ୟାସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଷ୍ଟାଣ୍ଡିଂ କାଉନ୍‌ସେଲର (ପରାମର୍ଶଦାତା) ଆଇନଜୀବୀ କରୁଣାକର ରଥ ଯୋଗଦେଇଥିଲେ। 'ମୋ ସ୍କୁଲ ଅଭିଯାନ'ରେ ଜିଲା ରାଜ୍ୟରେ ପ୍ରଥମ ହୋଇଥିବାରୁ ଆଇନଜୀବୀ ରଥ ଜିଲାପାଳ ଓ ଜିଲାଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ବୈଠକରେ ଅଧ୍ୟକ୍ଷତା କରିଥିଲେ। ନୀଳଗିରି ରତ୍ନାକର ଟାଉନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ବୋର୍ଡ଼ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରସ୍ତୁତ 'ପରୀକ୍ଷା ଦର୍ପଣ' ଉନ୍ମୋଚନ କରାଯାଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଜିଲା ହାଇସ୍କୁଲର ପ୍ରଧାନଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁ, ବାରବାଟୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ପଣ୍ଡା, ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ, ସଂଯୋଜକ ଡ. ସନ୍ଦୀପ କୁମାର ଖଟୁଆ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।



ଷ୍ଟାଣ୍ଡିଂ କାଉନ୍‌ସେଲର ଜିଲାପାଳଙ୍କୁ ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି।

# ଗାନ୍ଧୀ ସ୍ମୃତିପୀଠରେ ତିଳତର୍ପଣ

**ଆରଡ଼ି, ୩୦।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର ଗାନ୍ଧୀଘାଟ ଶାସନରେ ଥିବା ଗାନ୍ଧୀ ସ୍ମୃତିପୀଠ ଓ ବେତାଳିଗାଁ ବଜାରରେ ଶନିବାର ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଉଭୟ ସ୍ଥାନରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ଥାନୀୟ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ, ଅଧ୍ୟାପକ, ଶିକ୍ଷକ, ରାଜନେତା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। କରୋନା ଯୋଗୁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିଲା। କେବଳ ତିଳତର୍ପଣ ଓ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଗାନ୍ଧୀ ସ୍ମୃତିପୀଠରେ ସ୍ମୃତି କମିଟି ସଭାପତି ତଥା ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀ, ବ୍ଲକ ଚେୟାରମ୍ୟାନ ଅଶୋକ ନାୟକ, ପାଳସାହି ସରପଞ୍ଚଙ୍କ ପ୍ରତିନିଧି ପଞ୍ଚାନନ ମିଶ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସଂଗ୍ରାମୀ ରାମହରି ଗୋସ୍ୱାମୀ, ସାମାଜିକ କର୍ମୀ ମାନସ ରଞ୍ଜନ ସାହୁ, କମିଟି ଉପସଭାପତି ରବୀନ୍ଦ୍ର ବେହୁରିଆ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଫେବୃୟାରୀ ୧ରୁ ଗଡ଼ିବ ଲୋକାଲ ଟ୍ରେନ୍

**ଜଳେଶ୍ୱର, ୩୦।୧ (ଡି.ଏନ.ଏ.)**

କୋଭିଡ କଟକଣା ଯୋଗୁ ପ୍ରାୟ ୧୦ମାସ ଧରି ଲୋକାଲ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଆସନ୍ତା ଫେବୃୟାରୀ ୧ତାରିଖରୁ ହାଓ୍ୱଡା-ଭଦ୍ରକ ଲୋକାଲ ଟ୍ରେନ୍ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରୁଟ୍‌ରେ ଚଳାଚଳ କରିବ ବୋଲି କୋଲକାତା ଗାଡେନ୍‌ରିଚ୍‌ସ୍ଥିତ ଏସ୍.ଇ. ରେଳ ଡିଭିଜନ ମୁଖ୍ୟ କାର୍ଯ୍ୟାଳୟରୁ ଖଡଗପୁର ଡିଆର୍‌ଏମ୍‌ଙ୍କ ନିକଟକୁ ଚିଠି ନଂ. ଟି୯୬/୪୧ରେ ନିର୍ଦ୍ଦେଶ ଦିଆଯାଇଛି। ଫେବୃଆରୀ ୧ ତାରିଖ ୩ଟା ୪୦ମିନିଟ୍‌ରେ ବାଘାଯତୀନ ମେମୋ ଟ୍ରେନ୍ ହାଓ୍ୱଡାରୁ ଛାଡିବାକୁ ଥିବା ବେଳେ ଫେବୃଆରୀ ୨ତାରିଖ ଭୋର ୪ଟା ୫୦ମିନିଟ୍‌ରେ ଭଦ୍ରକରୁ ଛାଡି ପୂର୍ବପରି ଚଳାଚଳ କରିବ। ୧ତାରିଖରୁ ହାଓ୍ୱଡା-ପୁରୀ ସ୍ପେଶାଲ ଟ୍ରେନ୍ ଜଳେଶ୍ୱରଠାରେ ଆପ୍ ଲାଇନ୍‌ରେ ମଧ୍ୟାହ୍ନ ୧୨ଟାରେ ରହଣି ହେବ। ଡାଉନ୍‌ରେ ଅପରାହ୍ନ ୩ଟା ୪୮ ମିନିଟ୍‌ରେ ରହଣି ବ୍ୟବସ୍ଥା ହୋଇଛି ବୋଲି ଶନିବାର ଷ୍ଟେଶନ ମ୍ୟାନେଜର ସୂଚନା ଦେଇଛନ୍ତି।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ତେଲକୋଇ, ୩୦।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶନିବାର ତେଲକୋଇ ମୁଖ୍ୟାଳୟରେ ଥିବା ଚଷା ସମାଜର ସଭାଗୃହରେ ବ୍ଲକର ୨୨ଟି ପଞ୍ଚାୟତର ସମସ୍ତ ସଭାପତି, ସମ୍ପାଦକ ଓ ଛାମୁଆ ନେତା ଯୋଗ ଦେଇଥିଲେ। ଜିଲା ସଭାପତି ବିପ୍ଳବ ମିଶ୍ରଙ୍କ ସଭାପତିତ୍ୱରେ ଏହି ସଭାରେ ନିର୍ବାଚନ ମଣ୍ଡଳୀର ସଂଗଠନ ଦାୟିତ୍ୱରେ ଥିବା ଇଂ ପ୍ରଶାନ୍ତ କୁମାର ଦଳେଇ ଉପସ୍ଥିତି ରହି ସଂଗଠନକୁ ମଜଭୁତ କରିବା ଆଲୋଚନା ପରେ ବ୍ଲକ କଂଗ୍ରେସର ପୁନଃଗଠନ କରାଯାଇଥିଲା। ଏହି ବୈଠକରେ ବ୍ଲକର କଂଗ୍ରେସ କର୍ମୀ ଆଇନଜୀବୀ ନାରାୟଣ ପ୍ରଧାନ, ଛାମୁଆ ନେତାଙ୍କ ମଧ୍ୟରେ ଭଦ୍ରସେନା ପ୍ରଧାନ, ଭରତ ରାଉଳ, ପରିଲକ୍ଷିତ ପାତ୍ର, ଗୋବର୍ଦ୍ଧନ ପାତ୍ର, ଧୀରେନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ସୋର, ୩୦।୧(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନ



ଶିକ୍ଷକ ଦୈତାରୀ ମଲ୍ଲିକ(୭୫) ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ମସ୍ତିଷ୍କାଘାତ ଯୋଗୁ ସେ କିଛି ଦିନ ହେଲା ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଶିକ୍ଷକତା କରିବା ସହ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଦୀର୍ଘ ୩୩ ବର୍ଷ ଶିକ୍ଷକତା କରିବା ପରେ ସେ ତାଲଙ୍ଗ ଏମ୍‌ଇ ସ୍କୁଲରେ ପ୍ରଧାନଶିକ୍ଷକ ଭାବେ ୨୦୦୩ରେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

# ଶହୀଦ ଦିବସରେ ନୀରବ ପ୍ରାର୍ଥନା

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କବିଭାଗ ଆନୁକୂଲ୍ୟରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରି ମହାତ୍ମା ଗାନ୍ଧୀଙ୍କ ବଳିଦାନ ଦିବସର ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ ହେଉଥିବାର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଅତିରିକ୍ତ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ରାଜୀବଲୋଚନ ସାହୁ, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ପଞ୍ଚାୟତ ଅଧିକାରୀ ନିମାଇଁ ଚରଣ ମହାନ୍ତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଏନ୍‌ଡିଆରଏଫ ଯବାନ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ ନୀରବ ପ୍ରାର୍ଥନାରେ ସାମିଲ ହୋଇଥିଲେ।



ଶହୀଦ ଦିବସ ଅବସରରେ ନୀରବ ପ୍ରାର୍ଥନା।

## ଛିନ୍‌ତାଇ ଅଭିଯୋଗ: ଯୁବକ ଗିରଫ

**ଭଦ୍ରକ ଅଫିସ,୩୦।୧**

ପ୍ରତିଦିନ କଲେଜ ଯାଉଥିବା ଛାତ୍ରୀଙ୍କୁ ଟାର୍ଗେଟ କରି ଛିନ୍‌ତାଇ କରୁଥିବା ଜଣେ ଯୁବକଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ଯୁବକ ହେଲେ ଅସୁରା ଗ୍ରାମର ଭାସ୍କର ମଲ୍ଲିକ। ଚରମ୍ପା କଲେଜକୁ ଯାଉଥିବା ଜଣେ ଛାତ୍ରୀଙ୍କ ମୋବାଇଲ ଓ ଶିକ୍ଷାଗତ ପ୍ରମାଣପତ୍ର ଥିବା ବ୍ୟାଗ୍‌କୁ ଭାସ୍କର ଝାମ୍ପି ନେଇ ପଳାଉଥିବା ବେଳେ ରାଣୀତାଲ ନିକଟରୁ ଗିରଫ କରାଯାଇଛି। ପୂର୍ବରୁ ମଧ୍ୟ ସେ ସୋର ଓ ଚରମ୍ପା ମହାବିଦ୍ୟାଳୟର ୨ ଛାତ୍ରୀଙ୍କଠାରୁ ଅନୁରୂପ ଛିନ୍‌ତାଇ କରିଥିବା ଜାଣିବାକୁ ମିଳିଛି। ତାଙ୍କ ନିକଟରୁ ୪ ମୋବାଇଲ, ଲୁଟ୍ ହୋଇଥିବା ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ସମେତ ଏକ ବାଇକ୍ ମଧ୍ୟ ଜବତ ହୋଇଛି। ଥାନାରେ ମାମଲା(ନଂ. ୪୫/୨୧) ରୁଜୁ କରାଯାଇଥିବା ଥାନାଧିକାରୀ ଆଲୋକ ଜେନା କହିଛନ୍ତି। ଗିରଫ ଭାସ୍କରଙ୍କ ନାଁରେ ବହୁ ଅପରାଧିକ ମାମଲା ଥିବା ସେ ସୂଚନା ଦେଇଛନ୍ତି।

# ଆଦର୍ଶ ଗ୍ରାମର ସର୍ବାଙ୍ଗୀନ ବିକାଶ ଲାଗି ଆଲୋଚନା

**ଖଇରା, ୩୦।୧(ଡି.ଏନ.ଏ.)**

ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ରାଇକୁଳା ଗ୍ରାମ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବାପରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଇକୁଳା ଗ୍ରାମର ସର୍ବାଙ୍ଗୀନ ବିକାଶ ନିମନ୍ତେ ଗ୍ରାମବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । କୃଷି ,ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ, ଜଳ ପରିମଳ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ ସଭାପତିତ୍ୱ କରିଥିଲେ। ଏବିଡିଓ ଶକ୍ତିରଞ୍ଜନ ପାଇକରାୟ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ଯୁବନେତା ମାନସ ଦାଶ, ସରପଞ୍ଚ ଦମୟନ୍ତୀ ପଣ୍ଡା, ପଞ୍ଚାୟତ ଅଫିସର ହେମନ୍ତ ସାମଲ, ଜିଆରଏସ ପ୍ରକାଶ ବେହେରା, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟକ୍ରମରେ ଗୌରାଙ୍ଗ ମିଶ୍ର ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଏହି ଅବସରରେ ରାଇକୁଳାରେ ନିର୍ମିତ ହେବାକୁ ଥିବା ଅଙ୍ଗନୱାଡି କେନ୍ଦ୍ରର ଶିଳାନ୍ୟାସ କରାଯାଇଥିଲା ।


ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅଙ୍ଗନୱାଡି କେନ୍ଦ୍ରର ଶିଳାନ୍ୟାସ କରୁଛନ୍ତି।

# ତିରୋଧାନ ଦିବସରେ ଗାନ୍ଧିଜୀଙ୍କ ନୀତି, ଆଦର୍ଶକୁ ମନେ ପକାଇଲେ

**ଭଦ୍ରକ ଅଫିସ, ୩୦।୧**

ମହାତ୍ମା ଗାନ୍ଧୀଙ୍କ ୭୩ ତମ ତିରୋଧାନ ଦିବସ ଅବସରରେ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଗାନ୍ଧୀପଡ଼ିଆ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଶହୀଦ ସ୍ମୃତିଭବନ ପରିସରରେ ଅବସରପ୍ରାପ୍ତ କମିଶନର ଦିଗାମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରହ୍ଲାଦ କୁମାର ସିଂହ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଗାନ୍ଧିବାଦୀ ଫୋରମର ଅଧ୍ୟକ୍ଷା ଡ. ରୀନା ରାଉତ ରାୟ ଯୋଗଦେଇ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ମନେ ପକାଇଥିଲେ। ଗାନ୍ଧୀ ବିଚାର ମଞ୍ଚର ସଭାପତି ପ୍ରଫେସର ଡ. ସନାତନ ମହାନ୍ତି ଓ ସମ୍ପାଦକ ଶାନ୍ତନୁ ରାଉତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ପାତ୍ର ଓ ବ୍ଲଡ଼ବ୍ୟାଙ୍କର କର୍ମଚାରୀ ଶେଖ୍ ବୁଦ୍ଧିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଜିଲା ପ୍ରଶାସନ ପକ୍ଷରୁ ଐତିହାସିକ ଗାନ୍ଧୀପଡ଼ିଆ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଓ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପରେ ମହତାବ କୋଠି ଓ ଜିଲା ସ୍କୁଲ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ୪ ବର୍ଷ ବିତିଲାଣି, ସରୁନି ରାସ୍ତାକାମ

**ଜଳେଶ୍ୱର, ୩୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳ ୧୨ନଂ. ୱାର୍ଡ଼ର ନୂଆବଜାର ଛକଠାରୁ ନାମ୍ପୋ ଭାୟା ଅଲାଲପୁର ରାସ୍ତାକାମର ଅବଧି ସରିବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ କାମ ଶେଷ ହୋଇପାରୁନି। ଫଳରେ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

୨୦୧୬ରେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତାର ନବୀକରଣ ଓ ମରାମତି ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ମୋଟ ୩ କି.ମି. ୧୫୦ମି ରାସ୍ତା ମଧ୍ୟରୁ ୨ କି.ମି. ୭୮୮ମିଟର ରାସ୍ତାର ନବୀକରଣ ଓ ମରାମତି ଲାଗି ପୂର୍ତ୍ତବିଭାଗ ପକ୍ଷରୁ ୩କୋଟି ୧୯ଲକ୍ଷ ୫୪ହଜାର ୪୯୫ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୭-୧୮ରେ ଏହି କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ରେ ଶେଷ ହେବା କଥା। ଠିକାଦାର ଏହି ରାସ୍ତାର ୧୧ଶହ ମିଟର ଡ୍ରେନ୍ ନିର୍ମାଣ କରିବାକୁ ଥିବା ବେଳେ ସେଥିରୁ କିଛିଅଂଶ ଶେଷ କରିଛନ୍ତି। ଅନ୍ୟ କେତେକ ସ୍ଥାନରେ ଗାର୍ଡ଼ୱାଲ ନିର୍ମାଣ ସରିଥିଲେ ମଧ୍ୟ ୨ବର୍ଷ ଧରି କୌଣସି କାର୍ଯ୍ୟ ହେଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ଅଣଓସାରିଆ ଓ ବ୍ୟସ୍ତବହୁଳ ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଆସୁଛି। ଗତ ସେପ୍ଟେମ୍ବରରେ ପୌର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଚାଲିଥିବା ବେଳେ ପୂର୍ତ୍ତବିଭାଗର ନିର୍ବାହୀଯନ୍ତ୍ରୀ ଉକ୍ତ ରାସ୍ତାର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ । ସ୍ଥାନୀୟ ବାସିନ୍ଦା ଲକ୍ଷ୍ମୀନାରାୟଣ ଜେନା, ତପନ ମହାନ୍ତି, ଦିଲୀପ ମିଶ୍ର, ସୁଦର୍ଶନ ପ୍ରଧାନ, ରାଜେଶ ସାହୁ, ମନୋଜ ଯୋଷୀ, ଜୟନ୍ତ କୁମାର ଦେ, ଶ୍ୟାମସୁନ୍ଦର ଦାସମହାପାତ୍ର, ଜୟନ୍ତ ରଣା, ରୋହିତ ଦାସ, ବ୍ରଜେନ୍ଦ୍ର ମାରାଣ୍ଡି, ରାଧାଶ୍ୟାମ ଦାସ ପ୍ରମୁଖ ବିଧାୟକ, ଜିଲାପାଳ, ନିର୍ବାହୀ ଯନ୍ତ୍ରୀ, ପୌରପାଳ, ପୌରପ୍ରଶାସକ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଏହି ମାସ ଶେଷ ସୁଦ୍ଧା କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ ହେବ ବୋଲି ସୂଚନା ଦେଇଛନ୍ତି ।


ରାସ୍ତା କାମ ଅଧାପନ୍ତରିଆ।

